# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**18 August – 2025**

*********************************

## ମୁଖ୍ୟ ସମ୍ବାଦ

- ସଂସଦର ଅନୁମୋଦନ ଲାଭ କଲା ଭାରତୀୟ ବନ୍ଦର ବିଲ୍-୨୦୨୫
- ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ପୋର୍ଟାଲରେ ଆଜିଠାରୁ ଆରମ୍ଭ ହେଲା ପଞ୍ଜୀକରଣ ପ୍ରକ୍ରିୟା
- ରାଜ୍ୟରେ ଆସନ୍ତା ମାସରୁ ଆରମ୍ଭ ହେବ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ
- ମାଲକାନଗିରି ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ଜାରି ରହିଛି ରୋଗୀଙ୍କ ଚିକିତ୍ସା

ଏବଂ

- ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ବନଭୋଜି ବେଶରେ ଦର୍ଶନ ଦେଉଛନ୍ତି ମହାପ୍ରଭୁ

*GNR*

# ଆର୍‌ଏସ୍-ଇଣ୍ଡିଆନ୍ ପୋର୍ଟସ୍ ବିଲ୍

ଭାରତୀୟ ବନ୍ଦର ବିଲ୍ ୨୦୨୫ ସଂସଦର ଅନୁମୋଦନ ଲାଭ କରିଛି । ରାଜ୍ୟସଭାରେ ଆଜି ଏହାକୁ ମଞ୍ଜୁରୀ ମିଳିଛି । ଏହି ବିଲ୍‌ର ଲକ୍ଷ୍ୟ ରହିଛି, ରାଜ୍ୟ ସାମୁଦ୍ରିକ ବୋର୍ଡ୍ ଗଠନ ଏବଂ ଏହାକୁ ସଶକ୍ତ କରିବା । ଏହି ବିଲ୍ ପାରିତ ହେବା ଦ୍ୱାରା ଦେଶରେ ଥିବା ପ୍ରମୁଖ ବନ୍ଦର ଗୁଡ଼ିକୁ ଠିକ୍ ଭାବେ ପରିଚାଳନା କରିବାକୁ ସହଜ ହେବା ସହ ରାଜ୍ୟ ସାମୁଦ୍ରିକ ଉନ୍ନୟନ ପରିଷଦ ମଧ୍ୟ ଗଠନ ହୋଇପାରିବ ।

ରାଜ୍ୟସଭାରେ ଏହି ପ୍ରସଙ୍ଗରେ ଆଲୋଚନାରେ ଭାଗ ନେଇ ବନ୍ଦର ଏବଂ ଜାହାଜ ଚଳାଚଳ ତଥା ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍ କହିଛନ୍ତି, ଏହି ବିଲ୍‌ରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟ ସରକାର ଏବଂ ବନ୍ଦର ପରିଚାଳନା କରୁଥିବା ବ୍ୟବସାୟୀମାନଙ୍କ ସହ ବିସ୍ତୃତ ଆଲୋଚନା କରି ଏହି ବିଲ୍ ଉପସ୍ଥାପନ କରାଯାଇଛି ।

*Desk*

# ବିକଶିତ ଭାରତ ଯୋଜନା ପୋର୍ଟାଲ

ଦେଶର ଯୁବବର୍ଗଙ୍କୁ ସଶକ୍ତ କରିବା ତଥା ସେମାନଙ୍କୁ ରୋଜଗାରକ୍ଷମ ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିକଶିତ ଭାରତ ରୋଜଗାର ଯୋଜନାର ଘୋଷଣା କରିଛନ୍ତି । ଏହି ଯୋଜନାର ପୋର୍ଟାଲରେ ଆଜିଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି ।

ଶୁଣନ୍ତୁ ଏ ସମ୍ପର୍କିତ ଏକ ରିପୋର୍ଟ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଦ୍ୱାଦଶତମ ସ୍ୱାଧୀନତା ଦିବସ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନାର ଘୋଷଣା କରିଥିଲେ। ଭାରତ ଅଭ୍ୟୁଥାନର ନୂତନ ଅଧ୍ୟାୟ ଘୋଷଣା ପାଇଁ ଏହି ଯୋଜନା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶ୍ରୀ ମୋଦୀ ଦିଲ୍ଲୀର ଲାଲକିଲ୍ଲାରୁ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏଥିରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ମୂଲ୍ୟରେ ପ୍ରମୁଖ ନିଯୁକ୍ତି ଯୋଜନା ଆରମ୍ଭ କରାଯାଇଛି। ଯାହା ଅଧୀନରେ ନୂତନ ନିଯୁକ୍ତିପ୍ରାପ୍ତ ଯୁବକ ଯୁବତୀମାନେ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରିପାରିବେ। ସ୍ୱତନ୍ତ୍ର ଭାରତରୁ ସମୃଦ୍ଧ ଭାରତ ପର୍ଯ୍ୟନ୍ତ ସେତୁକୁ ମଜଭୁତ କରିବା ସହ ଯୋଜନା ମାଧ୍ୟମରେ ୩ କୋଟିରୁ ଊର୍ଦ୍ଧ୍ୱ ଯୁବକ/ଯୁବତୀଙ୍କୁ ନିଯୁକ୍ତି ପ୍ରଦାନର ଲକ୍ଷ୍ୟ ରଖାଯାଇଛି। ଯୋଜନାରେ କର୍ମଚାରୀମାନଙ୍କୁ ସାମାଜିକ ସୁରକ୍ଷା ଏବଂ ପ୍ରଥମଥର ନିଯୁକ୍ତି ପାଇବା ପାଇଁ ତାଲିମ  ପ୍ରଦାନ କରାଯିବ। ନିରନ୍ତର ନିଯୁକ୍ତି ମାଧ୍ୟମରେ ଉନ୍ନତ ପ୍ରଶିକ୍ଷଣ ଏବଂ ଆର୍ଥିକ ସାକ୍ଷରତା ବୃଦ୍ଧିର ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାରେ ନିଯୁକ୍ତିଦାତାମାନଙ୍କୁ ଅତିରିକ୍ତ ନିଯୁକ୍ତି ସୃଷ୍ଟି, କର୍ମଶକ୍ତିରେ ସ୍ଥିରତା, ଉତ୍ପାଦକତା ବୃଦ୍ଧି ଓ ସାମାଜିକ ସୁରକ୍ଷାର କ୍ଷେତ୍ରରେ  ପ୍ରୋତ୍ସାହନ ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଦ୍ୱାରା କର୍ମଚାରୀ ଭବିଷ୍ୟତନିଧି ପାଣ୍ଠି ସଂଗଠନ– ଇ.ପି.ଏଫ୍.ଓ. ମାଧ୍ୟମରେ କାର୍ଯ୍ୟକାରୀ ହେବ।  ନିଯୁକ୍ତିଦାତାମାନେ ଆଜିଠାରୁ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ପୋର୍ଟାଲରେ ଏକକାଳୀନ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିପାରିବେ।

***BBSR/R***

## ଏସ୍‌ଆଇଆର୍

ରାଜ୍ୟରେ ଆସନ୍ତା ମାସରୁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ– ଏସ୍.ଆଇ.ଆର୍ ଆରମ୍ଭ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ ସୂଚନା ଦେଇଛନ୍ତି। ଆସନ୍ତା ଜାନୁଆରୀ ୭ ତାରିଖରେ ଚୂଡ଼ାନ୍ତ ସଂଶୋଧନ ତାଲିକା ପ୍ରକାଶ ପାଇବ। ଏଥିସହିତ ରାଜ୍ୟରେ ବୁଥ୍ ସଂଖ୍ୟା ୩୮ ହଜାରରୁ ୪୫ ହଜାରକୁ ବୃଦ୍ଧି କରାଯିବ ବୋଲି ଶ୍ରୀ ଗୋପାଳନ କହିଛନ୍ତି।

***BBSR/R***

## ଉପମୁଖ୍ୟମନ୍ତ୍ରୀ– କୃଷି ବିଶ୍ୱବିଦ୍ୟାଳୟ

ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଖୋଲିବା ପ୍ରସ୍ତାବ ଉପରେ ଆଜି ଭୁବନେଶ୍ୱର ଲୋକସେବା ଭବନରେ ଉପମୁଖ୍ୟନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତାବିତ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ରାଜ୍ୟ ପାଇଁ ପରିବର୍ତ୍ତନକାରୀ ହେବ ଓ କୃଷି ଗବେଷଣାକୁ ଆଗକୁ ବଢ଼ାଇବା ସହ ଚାଷ କ୍ଷେତ୍ରରେ ନବସୃଜନକୁ ପ୍ରୋତ୍ସାହିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।  ବୈଠକରେ କୃଷି ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୯୨, କୃଷି ଓ ଆନୁଷଙ୍ଗିକ ବିଜ୍ଞାନରେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ସ୍ନାତକ ଓ ସ୍ନାତକୋତ୍ତର ସୃଷ୍ଟି ଏବଂ ଏହି କ୍ଷେତ୍ରରେ ଉତ୍ପାଦ ବୃଦ୍ଧି ଓ ଲାଭଦାୟକ କୃଷି ପ୍ରଣାଳୀ ବିକଶିତ ଉପରେ ଆଲୋଚନା କରାଯାଇଛି। କୃଷି ଓ ଆନୁଷଙ୍ଗିକ ବୃତ୍ତିକୁ ଲାଭଜନକ ଉଦ୍ୟୋଗରେ ପରିଣତ କରି

ଲୋକଙ୍କ ପାଇଁ ପୁଷ୍ଟିକର ଖାଦ୍ୟ  ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ନିଷ୍ପତ୍ତି ଲାଭଦାୟକ ସାବ୍ୟସ୍ତ ହେବ ବୋଲି ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ି ମତବ୍ୟକ୍ତ କରିଛନ୍ତି ।

***Malkangiri***

## ବାୟୁସ୍ୱାସ୍ଥ୍ୟସେବା

ମାଲକାନଗିରି ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ଆଜିଠାରୁ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନାରେ ରୋଗୀଙ୍କ ଚିକିତ୍ସା ଆରମ୍ଭ ହୋଇଛି । କଟକ ଏସ୍‌ସିବି ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରୁ ୬ ଜଣ ବିଶେଷଜ୍ଞ ଡାକ୍ତର ଆଜି ବିମାନ ଯୋଗେ ପହଁଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଆସନ୍ତାକାଲି ଆଉ ୬ ଜଣ ବିଶେଷଜ୍ଞ ଡାକ୍ତର ପହଁଞ୍ଚି ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର କାର୍ଯ୍ୟକ୍ରମ ରହିଛି । ମୋଟ୍ ୧୨ ଜଣ ଡାକ୍ତର ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରୋଗୀଙ୍କ ଚିକିତ୍ସା କରିବେ । ଏଥିରେ ମୁଖ୍ୟତଃ ନେପ୍ରୋଲୋଜି, କାଡିଓଲୋଜି, ଗ୍ୟାସଟ୍ରୋ ଇଣ୍ଟ୍ରୋଲୋଜି, ଲାବ୍ରୋସ୍କୋପି ସର୍ଜରୀ ଓ ନ୍ୟୁରୋଲୋଜୀ ସେବା ପ୍ରଦାନ କରିବେ । ଏଥିପାଇଁ ଜିଲ୍ଲାର ୨୫୦ରୁ ଅଧିକ ରୋଗୀ ପଞ୍ଜୀକରଣ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***Desk***

## ଇଗ୍ନୋ

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଜି ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋର ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା ଡିପ୍ଲୋମା ପାଠ୍ୟକ୍ରମ– ଡି.ଇ.ସି.ଇ.ର ପୁସ୍ତିକା ଓଡ଼ିଆ

ଭାଷାରେ ଉନ୍ମୋଚିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମରେ ଯୋଗଦେଇ ପୁସ୍ତିକାର ଉନ୍ମୋଚନ କରିଛନ୍ତି। ପୂର୍ବରୁ ଇଗ୍ନୋର ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଚଳନ କରିବା ପାଇଁ ଇଗ୍ନୋ ଓ ଉଚ୍ଚଶିକ୍ଷା ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

***Desk***

## ଗ୍ରାମ ବିକାଶ

ମୟୂରଭଞ୍ଜ ଜିଲ୍ଲା ବାରିପଦା ବ୍ଲକର ଗୁହାଲଡିହି ଗ୍ରାମକୁ ପର୍ଯ୍ୟଟନ ବିଭାଗ ଦ୍ୱାରା ଏକୀକରଣ କଳା ଏବଂ ହସ୍ତଶିଳ୍ପ ଗ୍ରାମ’ ଭାବେ ବିକାଶ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମୟୂରଭଞ୍ଜ ଜିଲ୍ଲା ବିଶେଷ କରି ଶିମିଳିପାଳକୁ ବୁଲିଯାଉଥିବା ପର୍ଯ୍ୟଟକମାନେ ଏହି ଗ୍ରାମର ହସ୍ତଶିଳ୍ପ କାରିଗର ଦେଖିବାର ସୁଯୋଗ ପାଇପାରିବେ। ପର୍ଯ୍ୟଟକମାନେ ସ୍ଥାନୀୟ ଜନଜାତି, ପରମ୍ପରା ଓ ଐତିହ୍ୟ ସହ ନିଜକୁ ପରିଚିତ କରାଇବାର ଅନନ୍ୟ ସୁଯୋଗ ପାଇବେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଏହି ପଦକ୍ଷେପ ସ୍ଥାନୀୟ କାରିଗରଙ୍କ ଆର୍ଥିକ ଓ ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଭୋକାଲ ଫର୍ ଲୋକାଲ ଆହ୍ୱାନକୁ ବାସ୍ତବ ରୂପ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

***DHNKL***

## ଆଇଏମ୍‌ସିର ୩୩ତମ ପ୍ରତିଷ୍ଠା ଦିବସ

ଢେଙ୍କାନାଳ ସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନ– ଆଇଏମ୍‌ସି’ର ୩୩ତମ ପ୍ରତିଷ୍ଠା ଦିବସ ଆଜି ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ କ୍ୟାମ୍ପସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଆନନ୍ଦ ପ୍ରଧାନ ସଂସ୍ଥାନର ପତାକା ଉତ୍ତୋଳନ କରିବା ସହ ସଂସ୍ଥାନର ୩୩ ବର୍ଷର ସଫଳ ଯାତ୍ରା ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କ ସହ ଆଲୋଚନା କରିଥିଲେ। ସଂସ୍ଥାନର ଓଏସ୍‌ଡି ତଥା ଆକାଶବାଣୀ କଟକ ଆଞ୍ଚଳିକ ସମ୍ବାଦ ବିଭାଗ ମୁଖ୍ୟ ଡକ୍ଟର ସତ୍ୟ ନାରାୟଣ ପଟ୍ଟନାୟକ ବିଦ୍ୟାର୍ଥୀମାନଙ୍କ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ପାରମ୍ପରିକ ନୃତ୍ୟ ସଂଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

***Sambalpur/Deogarh/Boudh/M.giri/K.para/Gajapati/BHK***

## ଜନଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଟାଉନହଲଠାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଏବଂ ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୭୬ଟି ଅଭିଯୋଗର ଶୁଣାଣି କରି ୧୨ ଜଣଙ୍କୁ ୧ ଲକ୍ଷ ୪୭ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି।

ଗଜପତି ଜିଲ୍ଲା ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମପଞ୍ଚାୟତରେ ଆୟୋଜିତ ଶିବିରରେ ଜିଲ୍ଲପାଳ ଏମ୍.ମଧୁମିତା, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ୮୪ଟି ଅଭିଯୋଗର ଶୁଣାଣି କରିଥିଲେ।

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ, ୭ଟି ଅଭିଯୋଗର ତତ୍କାଳ ଶୁଣାଣି କରିଥିଲେ।

କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ରଘୁରାମ ଆର୍.ଆୟାର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିୟା ମୋଟ ୨୩୪ଟି ଅଭିଯୋଗର ଶୁଣାଣି କରିଛନ୍ତି।

ମାଲକାନଗିରି ଜିଲ୍ଲାରେ ୧୩୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା।

ଦେବଗଡ଼ ଓ ସମ୍ବଲପୁର ଜିଲ୍ଲାରେ ମଧ୍ୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

***Puri***

# ଶ୍ରୀଜୀଉଙ୍କ ବନଭୋଜି ବେଶ

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଆଜି ବନଭୋଜି ବେଶରେ ଦର୍ଶନ ଦେଉଛନ୍ତି। ଭାଦ୍ରବ, କୃଷ୍ଣ ଦଶମୀ ତିଥିରେ ଏହି ବେଶ ସହିତ କୋଳିବିକା ନୀତି ଶେଷ ହେବାପରେ ଶ୍ରୀଜୀଉଙ୍କୁ ବନଭୋଜି ବେଶରେ ସଜ୍ଜିତ

କରାଯାଇଥିଲା । ରାତିରେ ବକାସୁର ଓ ଅର୍ଘାସୁର ବଧ ନୀତି ଅନୁଷ୍ଠିତ ହେବ । ଏହି ବେଶରେ ଠାକୁରଙ୍କୁ ପ୍ରାୟ ୧୮ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାରରେ ବିମଣ୍ଡିତ କରାଯାଇଥାଏ ।

***Malkangiri/R***

## ମାଲକାନଗିରି- ବର୍ଷା

ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି । ସମସ୍ତ ପ୍ରକାର ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ବିଡିଓ ମାନଙ୍କୁ ଗ୍ରାମପଞ୍ଚାୟତର ସମସ୍ତ ଅଧିକାରୀଙ୍କ ସହ ଯୋଗାଯୋଗ ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ତହସିଲଦାରମାନଙ୍କୁ ଆର୍.ଆଇ.ମାନଙ୍କ ମାଧ୍ୟମରେ କ୍ଷୟକ୍ଷତି ଆକଳନ କରି ପଲିଥିନ ପ୍ରଦାନ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଅନୁରୂପ ଭାବେ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଓ ଜିଲ୍ଲା କୃଷି ଅଧିକାରୀଙ୍କୁ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି । ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଥିଲା ।

***MET***

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ଓ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପ ସାଗର, ଉତ୍ତର-ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ-ଉପକୂଳ ଓଡ଼ିଶାରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଆଜି ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା

ଅନୁସାରେ, ଏହାର ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ପ୍ରାୟ ସମସ୍ତ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।

*********************************